# Akashvani, Sambalpur

## SAMBALPURI NEWS EVENING BULLETIN

## 26 January 2026 - 7.02 pm- 7.12 pm.

********************************************

୧- ‘ସ୍ୱତନ୍ତ୍ରତାର୍ ମନ୍ତ୍ର ବନ୍ଦେ ମାତରମ୍ ଆଉ ସମୃଦ୍ଧିର୍ ମନ୍ତ୍ର ଆତ୍ମନିର୍ଭର୍ ଭାରତ୍’ ବାର୍ତା ନେଇକରି ଦେଶ୍ ଆଏଜ୍ ପାଲନ୍ କଲା ୭୭ ତମ ସାଧାରଣ୍‌ତନ୍ତ୍ର ଦିବସ୍ ।

- ନୂଆଦିଲ୍ଲୀର୍ କର୍ତବ୍ୟ ପଥ ନ ନେତୃତ୍ୱ ନେଲେ ରାଷ୍ଟ୍ରପତି ।

୨- ଭୁବ୍‌ନେଶ୍ୱର୍ ଗାନ୍ଧୀ ମାର୍ଗ ରାଜ୍ୟସ୍ତରୀୟ ସମାରୋହଥି ପତାକା ଉତୋଳନ୍ କଲେ ରାଜ୍ୟପାଲ୍ ।

- ସାମୂହିକ୍ ଚେରେଷ୍ଟାଥି ଓଡ଼ିଶାକେ ବିଶ୍ୱ ମାନଚିତ୍ରଥି ନୂଆଁ ପରିଚୟ ଦେବାର୍‌କେ ଆହ୍ୱାନ୍ ଦେଲେ ମୁଖ୍ୟମନ୍ତ୍ରୀ ।

୩- ଭୁବ୍‌ନେଶ୍ୱର୍ ଆଦିବାସୀ ପଡ଼ିଆ ନ ଆଉ କିଛି ସମିଆ ଉତ୍‌ରୁ ରାଜ୍ୟସ୍ତରୀୟ ଆଦିବାସୀ ମେଳାକେ ଉଦ୍‌ଘାଟନ୍ କର୍‌ବେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ସର୍ବଭାରତୀୟ ଲାଲ୍‌ମନୀ କ୍ରିକେଟ୍ କପ୍ ୨୦୨୬ଥି ଚମ୍ପିଆନ୍ ହେଲା ଏମ୍‌ଏମ୍‌ସିସି ସମ୍ବଲ୍‌ପୁର୍ ଦଲ୍ ।

ଜାତୀୟ ସାଧାରଣ୍‌ତନ୍ତ୍ର ଦିବସ୍ ସମାରୋହ ଏନ୍‌ଏସ୍‌ଡି

ଦେଶ୍ ଆଏଜ୍ ୭୭ ତମ୍ ସାଧାରଣ୍‌ତନ୍ତ୍ର ଦିବସ୍ ପାଲନ୍ କରୁଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର୍ କର୍ତବ୍ୟପଥ ନ ଜାତୀୟ ପତାକା ଉତୋଲନ୍ କରିକରି ସମ୍ମିଲିତ୍ ସାଧାରଣତନ୍ତ୍ର ଦିବସ ସମାରୋହଥି ଅଭିବାଦନ୍ ଗ୍ରହଣ୍ କରିଛନ୍ । ଇ ବଛର୍ ପରେଡ୍‌ଥି ୟୁରୋପୀୟ ସଂଘର ଅଧ୍ୟକ୍ଷ ଏଂଟୋନିଓ କୋଷ୍ଟା ଆଉ ୟୁରୋପୀୟ କମିଶନ୍ ର ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡେର୍ ଲିୟେନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଅତିଥି ମାନ୍‌କର୍ ସଙ୍ଗେ କର୍ତବ୍ୟ ପଥ ନ ପୁହୁଁଚିଥିଲେ । ରାଷ୍ଟ୍ରପତି ଜାତୀୟ ପତାକା ଉତୋଲନ୍ କଲା ପରେ ୨୧ ତୋପସଲାମୀ ଉତ୍‌ରୁ ଜାତୀୟ ସଂଗୀତ ପରିବେଷଣ୍ କରାଯାଇଥିଲା । କାର୍ଯ୍ୟକ୍ରମ୍ ମୁଲ୍ ହେବାର୍ ଆଘୋନୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ଯୁଦ୍ଧ ସ୍ମାରକୀକେ ଯାଇକରି ଦେଶ୍ ଲାଗି ସର୍ବୋଚ୍ଚ ବଳିଦାନ୍ ଦେଇଥିବା ଶହୀଦ୍ ଯବାନ୍ ମାନ୍‌କୁ ଶ୍ରଦ୍ଧାଞ୍ଜଳି ଜନେଇଥିଲେ ।

କର୍ତବ୍ୟ ପଥ ନ ଆଏଜ୍ ସାଧାରଣତନ୍ତ୍ର ଦିବସ୍‌ଥି ତିନ୍‌ହି ସେନା, ଅର୍ଦ୍ଧସାମରିକ୍ ବାହିନୀ, ଏନ୍‌ସିସି, ଏନ୍‌ଏସ୍‌ଏସ୍, ଭିନ୍ ଭିନ୍ ବର୍ଗର୍ ସାମରିକ୍, ପୁଲିସ୍ ବାହିନୀ ତର୍‌ଫୁ ସମ୍ମିଲିତ୍ ପେରେଡ୍ ହେଇଥିଲା । ଭାରତ୍‌ର ସାଂସ୍କୃତିକ ବିବିଧତା ଆଉ ସାମାଜିକ ଶକ୍ତିର୍ ଗୁଟେ ଅଲଗ୍ ମିଶ୍ରଣ୍ ଦେଖିବାର୍‌କେ

ମିଲିଥିଲା । ଇ ବଛର୍ ସ୍ୱତନ୍ତ୍ରତାର୍ ମନ୍ତ୍ର: ବନ୍ଦେ ମାତରମ୍ ଆଉ ସମୃଦ୍ଧିର୍ ମନ୍ତ୍ର ଆତ୍ମନିର୍ଭର୍ ଭାରତ୍ ବିଷୟବସ୍ତୁକେ ନେଇକରି ପରେଡ୍‌ର ଆୟୋଜନ୍ କରାଯାଇଥିଲା ।

ପରେଡ୍‌ଥି ଓଡ଼ିଶା ସହେତେ ଭିନ୍ ଭିନ୍ ରାଜ୍ୟ, କେନ୍ଦ୍ରଶାସିତ୍ ଅଂଚଲ୍ ଆଉ କେନ୍ଦ୍ରସର୍‌କାର୍‌ଙ୍କର୍ ମନ୍ତ୍ରଣାଳୟ ଆଉ ବିଭାଗ୍ ମାନ୍‌କର୍ ୩୦ ଟା ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ୍ ହେଇଥିଲା ।

'ମାଏଟ୍ ନୁ ସିଲିକନ୍ ତକ୍: ପରମ୍ପରା ସଙ୍ଗେ ଜୁଡ଼ି ହେଇକରି ନୂଆଁ ସୃଜନ୍ ସହେତେ ଆଗ୍‌କେ ବଢ଼୍‌ବାର୍' ବାର୍ତା ନେଇକରି କର୍ତବ୍ୟ ପଥ ନ ଓଡ଼ିଶାର୍ ପ୍ରଜ୍ଞାପନ ମେଢ଼ ସାମିଲ୍ ହେଇଥିଲା । ଇତାର୍ ଜରିଏ ଓଡ଼ିଶାର୍ କଳା, ସଂସ୍କୃତି ଆଉ ପରମ୍ପରାକେ ସାରା ଦେଶ୍ ଦେଖିଥିଲା ।  ପରମ୍ପରାର୍ ପ୍ରଗତି, କୋରାପୁଟ୍ କଫି, ମହିଳା ନେତୃତ୍ୱ, ପଟ୍ଟଚିତ୍ର, କୋଣାର୍କ ମନ୍ଦିର୍‌ର ଝଲକ୍ ଆଉ ତାରକସି କାମ୍‌କେ ପ୍ରଦର୍ଶନ୍ କରାଯାଇଥିଲା ।

ଇ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତୀୟ ବାୟୁସେନାର୍ ଗ୍ରୁପ୍ କେପ୍‌ଟେନ୍ ଆଉ ମହାକାଶ୍‌ଚାରୀ ଶୁଭାଂଶୁ ଶୁକ୍ଳାଙ୍କୁ ଭାରତ୍‌ର ସର୍ବୋଚ୍ଚ ଶାନ୍ତିକାଳୀନ ସାହସିକତା ପୁରସ୍କାର୍ ଅଶୋକ୍ ଚକ୍ରଥି ସମ୍ମାନିତ୍ କରିଛନ୍ ।

ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ       ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଗାନ୍ଧୀ ମାର୍ଗ ନ ହେଇଥିବା ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ୍ ପରେଡ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଜାତୀୟ ପତାକା ଉତୋଲନ୍ କରିକରି ଅଭିବାଦନ୍ ଗ୍ରହଣ୍ କରିଛନ୍ । ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ୍ ପରେଡ୍‌ଥି ଗାନ୍ଧୀ ମାର୍ଗ ନ ଆଏଜ୍ ୧୭ ଟା ସାମରିକ ବାହିନୀ ଆଉ ୨୯ ଟା ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍‌ର ବେସାମରିକ୍ ଦଲ୍ ଭାଗ୍‌ନେଇଥିଲେ । ଭିନ୍ ଭିନ୍ ସାଂସ୍କୃତିକ୍ ଦଲ୍ ତର୍‌ଫୁ ଭିଲ୍ କାର୍ଯ୍ୟକ୍ରମ୍ ପରିବେଷଣ୍ କରାଯାଇଥିଲା । ଇ ଅବ୍‌ସରେ ରାଜ୍ୟ ସର୍‌କାର୍‌ଙ୍କର୍ ଯୋଜ୍‌ନା ଆଉ କାର୍ଯ୍ୟକ୍ରମ୍‌ମାନ୍‌କର୍ ସହେତେ ସଚେତନତା ବାର୍ତା ଦଉଥିବା ପ୍ରଜ୍ଞାପନ ମେଢ଼ ମାନେ ପ୍ରଦର୍ଶନ୍ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ନ ପତାକା ଉତୋଲନ୍ କରିକରି ଦେଶ୍ ଲାଗି ଜୀବନ୍ ଉତ୍ସର୍ଗ କରିଥିବା ସଂଗ୍ରାମୀମାନ୍‌କୁ ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ୨୦୩୬ ମସିହାତକ୍ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ୍ ଗଠନ୍‌ର ଶତବାର୍ଷିକୀ ପାଲନ୍ ବେଲ୍‌କେ ଓଡ଼ିଶା ଦେଶର୍ ୫ ଟା ଶ୍ରେଷ୍ଠ ରାଜ୍ୟ ଭିତ୍‌ରେ ଠାନ୍ ପାଏବାର୍‌କେ ଲକ୍ଷ୍ୟ ରଖିଛେ । ଇଥି ଶିଳ୍ପାୟନ, ଭିତିଭୂମିର୍ ବିକାଶ୍, ସ୍ୱଚ୍ଛ ଆଉ ଦୁର୍ନୀତି ମୁକ୍ତ ପ୍ରଶାସନ୍ ଉପ୍‌ରେ ସର୍‌କାର ଜୋର୍ ଦଉଛନ୍ ।

ସମ୍ବିଧାନ୍‌ର ମୂଲ୍ୟବୋଧକେ ଆଧାର୍ କରିକରି ଦେଶର୍ ଶକ୍ତି, ସାମର୍ଥ୍ୟ ଆଉ ସମ୍ମାନ୍ ବଢ଼େଇକରି ଓଡ଼ିଶାକେ ଗୁଟେ ସମୃଦ୍ଧ ରାଜ୍ୟ ଭାବେ ଗଢ଼୍‌ବାର୍‌କେ ସଂକଳ୍ପ ବଦ୍ଧ ହେଇକରି କାମ୍ କର୍‌ବାର୍‌କେ ଶ୍ରୀ ମାଝୀ ଆହ୍ୱାନ୍ ଦେଇଛନ୍ । ସାମୂହିକ୍ ଚେରେଷ୍ଟା ଓଡ଼ିଶାକେ ବିଶ୍ୱ ମାନଚିତ୍ର ନ ଗୁଟେ ନୂଆଁ ପରିଚୟ ଦେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।
(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ )

ଜିଲ୍ଲାସ୍ତରୀୟ ଗଣତନ୍ତ୍ର ଦିବସ୍

ସମ୍ବଲପୁର/ ବର୍‌ଗଡ଼୍/ ବୌଦ୍ଧ/ ନୂଆପଡ଼ା/ ସୁବର୍ଣ୍ଣପୁର୍/ ଦେବ୍ ଗଡ଼୍/ ଝାର୍‌ସୁଗୁଡ଼ା/ କଲାହାଣ୍ଡି/ ବଲାଙ୍ଗିର୍

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ମନ୍ତ୍ରୀ ଆଉ ବରିଷ୍ଠ ଅଧିକାରୀମାନେ ପତାକା ଉତୋଲନ୍ କରିକରି ମିଲିତ୍ ପରେଡ୍‌ର ଅଭିବାଦନ୍ ଗ୍ରହଣ୍ କରିଛନ୍ ।

ସମ୍ବଲ୍‌ପୁର୍ ରିଜର୍ଭ ପୁଲିସ୍ ପଡ଼ିଆ ଠାନେ ହେଇଥିବା ସାଧାରଣତନ୍ତ୍ର ଦିବସ୍ ପାଲନ୍ ଅବ୍‌ସରେ ହସ୍ତତନ୍ତ ଆଉ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପତାକା ଉତୋଲନ୍ କର୍‌ବାର୍ ସହେତେ ପରେଡ୍‌ର ଅଭିବାଦନ୍ ଗ୍ରହଣ୍ କରିଥିଲେ । ୩୮ ପ୍ଲାଟୁନ୍ ଏନ୍‌ସିସି,

ଏପିଆର୍, ସିଭିଲିଆନ୍ ପରେଡ୍‌ଥି ଭାଗ୍ ନେଇଥିଲେ । ଇତାର୍‌ସହେତେ ୧୦ ଟା ପ୍ରଜ୍ଞାପନ ମେଢ଼ ଭିଲ୍ ଇଥି ସାମିଲ୍ ହେଇଥିଲା । ଇ ଅବ୍‌ସରେ ରଙ୍ଗାରଙ୍ଗ୍ କାର୍ଯ୍ୟକ୍ରମ୍ ପରିବେଷଣ୍ କରାଯିବାର୍ ସହେତେ କୃତୀ ଛାତ୍ରଛାତ୍ରୀମାନ୍‌କୁ ପୁରସ୍କୃତ୍ କରାଯାଇଥିଲା ।

ବର୍‌ଗଡ୍ ନ ହେଇଥିବା ସାଧାରଣତନ୍ତ୍ର ଦିବସ୍ ସମାରୋହଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପତାକା ଉତୋଲନ୍ କରିଥିଲେ । ମନ୍ତ୍ରୀ ଶ୍ରୀ ନାଏକ୍ ମିଳିତ ପରେଡ୍‌ର ଅଭିବାଦନ୍ ଗ୍ରହଣ୍ କରିକରି ସମ୍ବିଧାନ୍‌ର ଲିଖିତ୍ ଆଦର୍ଶକେ ବଜାୟ ରଖିକରି ସମ୍‌କୁ ନ୍ୟାୟ ଆଉ ସମାନତା ସୁନିଶ୍ଚିତ୍ କର୍‌ବାର୍ ଦିଗେ କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ । ପରେଡ୍‌ଥି ୧୯ ଟା ପ୍ରଜ୍ଞାପନ୍ ମେଢ଼ ଆଉ ୩୮ ଟା ପରେଡ୍ ଦଲ୍ ସାମିଲ୍ ହେଇଥିଲେ ।

ସେନ୍ତା ବୌଦ୍ଧ ଜିଲ୍ଲା ସଦର୍ ମହକୁମା ଷ୍ଟାଡ଼ିୟମ୍ ଠାନେ ଜିଲ୍ଲାସ୍ତରୀୟ ସାଧାରଣ୍‌ତନ୍ତ୍ର ଦିବସ୍ ସମାରୋହଥି ଶିଳ୍ପ ଆଉ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଜାତୀୟ ପତାକା ଉତୋଲନ୍ କର୍‌ବାର୍ ସହେତେ ପେରେଡ୍ ଅଭିବାଦନ୍ ଗ୍ରହଣ କରିଥିଲେ ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ରିଜର୍ଭ ପୁଲିସ୍ ପଡ଼ିଆ ନ ହେଇଥିବା ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ୍ ସମାରୋହଥି ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ

ପତାକା ଉତୋଲନ୍ କରିକରି ପରେଡ୍‌ର ଅଭିବାଦନ୍ ଗ୍ରହଣ୍ କରିଥିଲେ । ଇ ଅବ୍‌ସରେ ସ୍ୱାଧୀନତା ସଂଗ୍ରାମ୍‌ଥି କଲାହାଣ୍ଡିର୍ ରେଣ୍ଡୋ ମାଝୀଙ୍କର୍ ଅବଦାନ୍ ସବୁଦିନେ ସୋର୍ ରହେବା ବଲି ମନ୍ତ୍ରୀ ଶ୍ରୀ ସିଂ କହିଛନ୍ ।

ସେଆଡ଼େ ନୂଆପଡ଼ା ଜିଲ୍ଲା ମିନିଷ୍ଟାଡ଼ିୟମ୍ ଠାନେ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ସମ୍ମିଲିତ୍ ପେରେଡ୍‌ର ଅଭିବାଦନ୍ ଗ୍ରହଣ୍ କର୍‌ବାର୍ ସହେତେ ଜାତୀୟ ପତାକା ଉତୋଲନ୍ କରିଥିଲେ । ପରେଡ୍‌ଥି ୩୨  ଟା ଦଲ୍ ସାମିଲ୍ ହେଇଥିଲେ । ଜିଲ୍ଲାର୍ ଖଡ଼ିଆଲ୍ ଠାନେ ହେଇଥିବା ସାଧାରଣତନ୍ତ୍ର ଦିବସ୍ ସମାରୋହଥି ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ ପତାକା ଉତୋଲନ୍ କରିଥିଲେ ।

ସୁବର୍ଣ୍ଣପୁର୍  ଜିଲ୍ଲା ରାମେଶ୍ୱର୍ ଷ୍ଟାଡ଼ିୟମ୍ ଠାନେ ହେଇଥିବା ଗଣତନ୍ତ୍ର ଦିବସ୍ ସମାରୋହଥି ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ ପତାକା ଉତୋଲନ୍ କରିକରି ସ୍ୱାଧୀନତା ସଂଗ୍ରାମୀମାନ୍‌କୁ ଶ୍ରଦ୍ଧାଞ୍ଜଲି ଜନାବାର୍ ସହେତେ ଗଣତନ୍ତ୍ରର୍ ମର୍ଯ୍ୟାଦାକେ ସୁରକ୍ଷିତ୍ ରଖ୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ । ଇ ଅବ୍‌ସରେ ୩୫ ଟା ଦଲ୍ ପରେଡ୍‌ଥି ସାମିଲ୍ ହେଇଥିଲେ ।

ଦେବ୍‌ଗଡ଼୍ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍ ନ ହେଇଥିବା ଗଣତନ୍ତ୍ର ଦିବସ୍ ସମାରୋହକେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଉଦ୍‌ଘାଟନ୍ କରିକର ସମ୍ମିଲିତ ପରେଡ୍‌ଥି ଅଭିବାଦନ୍ ଗ୍ରହଣ୍

କରିଥିଲେ । ଇ ଅବ୍‌ସରେ ଭିନ୍ ଭିନ୍ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ହେଇଥିଲା ।

ଝାର୍‌ସୁଗୁଡ଼ା ମନ୍‌ମୋହନ୍ ସ୍କୁଲ୍ ପଡ଼ିଆ ନ ହେଇଥିବା ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ୍ ସମାରୋହଥି ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପତାକା ଉତୋଳନ୍ କରିଥିଲେ ।

ବଲାଙ୍ଗିର୍ ମନୋହର୍‌ପୁର୍ ରିଜର୍ଭ ପୁଲିସ୍ ପଡ଼ିଆ ନ ଜିଲ୍ଲାପାଲ୍ ଗୌରବ୍ ଶିଓ୍ୱାଜୀ ଇସଲ୍‌ଓ୍ୱାର୍ ଜାତୀୟ ପତାକା ଉତୋଳନ୍ କରିକରି ମିଲିତ୍ ପରେଡ୍‌ର ଅଭିବାଦନ୍ ଗ୍ରହଣ୍ କରିଥିଲେ । ସଶସ୍ତ୍ର ପୁଲିସ୍ ବାହିନୀ ସହେତେ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍‌ର ୪୩ ଟା ଦଲ୍ ଆଉ ଜିଲ୍ଲା ଶିକ୍ଷା ବିଭାଗ୍‌ର ପ୍ରଜ୍ଞାପନ ମେଢ଼ ଇଥି ପ୍ରଦର୍ଶିତ୍ ହେଇଥିଲା ।

ରାଜ୍ୟପାଲ୍ -ପଦକ୍ ପ୍ରଦାନ୍ ଆଇ.ଆଣ୍ଡ୍.ପି.ଆର୍

ସାଧାରଣତନ୍ତ୍ର ଦିବସ୍ ପାଲନ୍ ଅବ୍‌ସରେ ଆଏଜ୍ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ରାଜ୍ୟର୍ ୪୨ ଝନ୍ ପୁଲିସ୍ ଅଧିକାରୀ ଆଉ କର୍ମଚାରୀଙ୍କୁ ପଦକ୍ ପ୍ରଦାନ୍ କରିଛନ୍ । ହେଥିର୍‌ଭିତ୍‌ରେ ୨୨ ଝନ୍‌କୁ ଆଘୋନୁ ଘୋଷ୍‌ନା ହେଇଥିବା ରାଷ୍ଟ୍ରପତି ପଦକ୍ ପ୍ରଦାନ୍ କରାଯାଇଛେ । ଆଉ ୨୦ ଝନ୍‌କୁ ରାଏଜେ ଆଇନ୍‌ଶୃଙ୍ଖଲା, ସୁରକ୍ଷା ଆଉ ଭିନ୍ ଭିନ୍ କ୍ଷେତ୍ରଥି

ଉଲ୍ଲେଖନୀୟ ଅବଦାନ୍ ଲାଗି ରାଜ୍ୟପାଲ୍ ପୁରସ୍କାର୍ ପ୍ରଦାନ୍ କରାଯାଇଛେ । ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ, ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଆଦିବାସୀ ମେଲା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଆଦିବାସୀ ପଡ଼ିଆ ନ ଆଦିବାସୀ ମେଲା ୨୦୨୬ ଆଏଜ୍ ଠାନୁ ମୁଲ୍ ହେଉଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ କିଛି ସମିଆ ଉତ୍ରୁ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମେଲାର୍ ଉଦ୍‌ଘାଟନ୍ କର୍‌ବେ । ଫେବୃଆରୀ ୫ ତାରିଖ୍‌ତକ୍ ହେବାର୍‌କେ ଥିବା ମେଲାଥି ୯୪ ଟା ଷ୍ଟଲ୍‌ଥି ଆଦିବାସୀମାନ୍‌କର୍ ତିଆର୍ ଦରବ୍ ପ୍ରଦର୍ଶନ୍ କରାଯିବା । ୧୫ ଟା ଷ୍ଟଲ୍‌ନ ଆଦିବାସୀ କଳାକୃତି ଆଉ ୧୦ ଟା ଷ୍ଟଲ୍ ନ ଆଦିବାସୀମାନ୍‌କର୍ ପାରମ୍ପାରିକ୍ ବାସସ୍ଥାନ୍‌ର ପ୍ରଦର୍ଶନ୍ କରାଯିବା ।

ସଂଗୀତ ଉତ୍ସବ -ଭାରତୀୟମ ଆଇ.ଆଣ୍ଡ୍.ପି.ଆର୍

ସାଧାରଣତନ୍ତ୍ର ଦିବସ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ ରବୀନ୍ଦ୍ର ମଣ୍ଡପ୍ ନ ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଦେଶାତ୍ମବୋଧକ ସଂଗୀତ ଉତ୍ସବ -ଭାରତୀୟମ୍ ମୁଲ୍ ହେଇଛେ । ସମାରୋହଥି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଛନ୍ ।

ସାଇକେଲ୍ ଶୋଭାଯାତ୍ରା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ବାଲ୍ୟବିବାହ ମୁକ୍ତ ଭାରତ ଲାଗି ସଚେତନ୍ କର୍‌ବାର୍‌କେ ସାଇକେଲ୍ ଶୋଭାଯାତ୍ରା ହେଇଯାଇଛେ । ଶୋଭାଯାତ୍ରାକେ ଜିଲ୍ଲା ଦୌରା ଜଜ୍ ଆଉ ପ୍ରାଧିକରଣ୍‌ର ଅଧ୍ୟକ୍ଷ ନିରଞ୍ଜନ୍ ପଣ୍ଡା ଆଉ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ସୁନୀଲ୍ କୁମାର୍ ଦାସ ପତାକା ଦେଖେଇକରି ଶୁଭାରମ୍ଭ କରିଥିଲେ । ସାଇକଲ୍ ଶୋଭାଯାତ୍ରା ସହରର୍ ଭିନ୍ ଭିନ୍ ଜାଗା ନ ଭାରତ୍‌କେ ବାଲ୍ୟବିବାହ ମୁକ୍ତ କର୍‌ବାର୍ ଦିଗେ ସହଭାଗୀ ହେବାର୍‌କେ ଲୁକ୍‌କୁ ସଚେତନ୍ କରିଥିଲା ।

ତିଲେଶ୍ୱର୍ କପ୍ ଫୁଟ୍‌ବଲ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ତିଲେଶ୍ୱର୍ ନ ଚାଲିଥିବା ତିଲେଶ୍ୱର୍ କପ୍ ଫୁଟ୍‌ବଲ୍‌ଥି ଆଏଜ୍ ସୁନ୍ଦର୍‌ଗଡ଼୍ ଦଲ୍ ଆଫ୍ରିକା ୧୧ ଦଲ୍‌କେ ୪/ଶୂନ୍ ଗୋଲ୍‌ଥି ହରେଇକରି ଇତାର୍ ସହେତେ ସୁନ୍ଦର୍‌ଗଡ଼୍ ଦଲ୍ ଫାଇନାଲ୍‌କେ ଯାଇଛେ । ଆଝିରର୍ ମେଚ୍‌ଥି ଶିକ୍ଷ ଆଉ ଦକ୍ଷତା ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଆଉ ବୌଦ୍ଧ ବିଧାୟକ୍ ସରୋଜ୍ ପ୍ରଧାନ୍ ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେଇଥିଲେ । ଆଏବା କାଏଲ୍ ବର୍‌ଗଡ଼୍ ଆଉ ଝାର୍‌ସୁଗୁଡ଼ା ଦଲ୍ ଭିତ୍‌ରେ ଖେଲ୍ ହେବା ।

ଲାଲ୍‌ମନୀ କ୍ରିକେଟ୍        ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ସହରର୍ ଗାନ୍ଧୀ ପଡ଼ିଆ ଠାନେ ଚାଲିଥିବା ୩୭ ନମ୍ବର୍ ସର୍ବଭାରତୀୟ ଲାଲ୍‌ମନୀ କ୍ରିକେଟ୍ କପ୍ ୨୦୨୬ଥି ଏମ୍‌ଏମ୍‌ସିସି ସମ୍ବଲ୍‌ପୁର୍ ଦଲ୍ ଚାମ୍ପିଆନ୍ ହେଇଛେ । ଆଝିର୍ ଫାଇନାଲ୍ ମେଚ୍‌ଥି ଏମ୍‌ଏମ୍‌ସିସି ସମ୍ବଲ୍‌ପୁର୍ ଦଲ-ଭୁବ୍‌ନେଶ୍ୱର୍ ବାପୁଜୀ କ୍ରିକେଟ୍ କ୍ଲବ୍ ଦଲ୍‌କେ ୯ ରନ୍‌ଥି ହରେଇଛେ । ସୁବର୍ଣ୍ଣପୁର୍ ଜିଲ୍ଲା କ୍ରିକେଟ୍ ସଂଘ ତର୍‌ଫୁ ହେଇଥିବା ଟୁର୍ଣ୍ଣାମେଂଟ୍‌ର ଉଦ୍‌ଯାପନୀ ସମାରୋହଥି ଆଏଜ୍ ଦେଶର୍ ନାଁକରା କ୍ରିକେଟ୍ ଖେଲାଳୀ ନରେନ୍ଦ୍ର ହିର୍‌ୱାନୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।